## କୁଆମରାରେ ହାତୀ ଉପଦ୍ରବ

କୁଆମରା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ଫରେଷ୍ଟ ରେଞ୍ଜ ଅଧୀନ ଖିରିପଦା ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ମଙ୍ଗଳବାର ରାତିରେ ଏକ ଦନ୍ତା ସ୍ଥାନୀୟ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ବୁଧବାର ସନ୍ଧ୍ୟାରେ ବଡ଼ସାହି ଥାନା ଦେଉଳିଆ ଅଞ୍ଚଳରେ ମଧ ହାତୀ ପ୍ରବେଶ କରିବାରୁ ବିଦ୍ୟୁତ୍ କାଟ ଜାରି ରହିଛି। ହାତୀ ଭୟରେ ସନ୍ଧ୍ୟା ସମୟରୁ ଜଙ୍ଗଲ ରାସ୍ତା ଶୂନଶାନ ହୋଇପଡୁଛି। ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ହାତୀ ଭୟରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

## ସଂକ୍ଷେପରେ

### କୁରୁଣ୍ଟା ସେବା ସମବାୟ ସମିତି ୧୫ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଖଇରା, ୮।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ସେବା ସମବାୟ ସମିତିରେ ସମସ୍ତ ୧୫ଟି ଜୋନର ସଭ୍ୟାସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଶରତ ପଣ୍ଡା ହସ୍ତକ୍ଷେପ ପରେ ବିଭିନ୍ନ ପଞ୍ଚାୟତର ଲେକପ୍ରତିନିଧି, ଦଳୀୟ କର୍ମକର୍ତ୍ତାଙ୍କ ଆଲୋଚନା ପରେ ପ୍ରତିଦ୍ୱନ୍ଦ୍ୱିତାକୁ ଏଡାଇ ଦିଆଯାଇଛି। ନିର୍ବାଚିତ ସଭ୍ୟମାନେ ହେଲେ ମୁକୁନ୍ଦ ନାୟକ, ତପୋଧନ ବାରିକ, ଅକ୍ଷୟ ମହାପାତ୍ର, ବିଦ୍ୟାଧର ଗିରି, ରମାକାନ୍ତ ବେହେରା, ଗଣେଶ ବେହେରା, ସାବିତ୍ରୀ ନାୟକ, ବିମଳିନୀ ନାୟକ, ରଜନୀ ସାହୁ, ଦୀନବନ୍ଧୁ ମଲ୍ଲିକ, ଯଦୁନାଥ ଧଡା, ଆନନ୍ଦ ଚନ୍ଦ୍ର ନାୟକ, ଶାନ୍ତିଲତା ସେଠୀ, ବିଶ୍ୱଭୂଷଣ ପ୍ରଧାନ ଓ ମାଧବାନନ୍ଦ ମହାପାତ୍ର।

### ଶ୍ରଦ୍ଧାଞ୍ଜଳି ସଭା

ଆରଡ଼ି, ୮।୬ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ିଠାରେ ସାମାଜିକ କର୍ମୀ ସ୍ୱର୍ଗତ ସମର ପାଢ଼ୀଙ୍କ ଦ୍ୱାଦଶାହ ଅବସରରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱଦେଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, କିଶୋର ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କମଳାକାନ୍ତ ସୁତାର, କାହ୍ନୁ ଚରଣ ବେହେରା, ଚନ୍ଦନ ରାଉତ, ମାଳତୀ ଲତା ସାହୁ, ଆରଡ଼ି ସରପଞ୍ଚ ଶ୍ରଦ୍ଧାଞ୍ଜଳି ପାଢ଼ୀ, ଗଦାଧର ନାୟକ, ଦୀପ୍ତି ରଞ୍ଜନ ନାୟକ, ସନ୍ଦୀପ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସମର ଥିଲେ ଜଣେ ଭଲ ମଣିଷ। ସେଥିପାଇଁ ତାଙ୍କୁ ଭଗବାନ ନିଜ ପାଖକୁ ନେଇଗଲେ ବୋଲି ବକ୍ତାମାନେ କହିଥିଲେ। କୋଭିଡ୍ ସମୟ ହେଉ ବା ଅନ୍ୟ କୌଣସି ଦୁର୍ଦ୍ଦିନ ସମୟରେ ସେ ଲୋକଙ୍କୁ ସହାୟତା ଯୋଗାଉଥିଲେ। ଆରଡ଼ିକୁ ମଦମୁକ୍ତ କରିପାରିଲେ ସମରଙ୍କ ପାଇଁ ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସଭାରେ ମତପ୍ରକାଶ ପାଇଥିଲା।

### ଠାକୁରମୁଣ୍ଡା ବ୍ଲକ ସରପଞ୍ଚ ସଂଘ ଗଠିତ

ଠାକୁରମୁଣ୍ଡା,୮।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ନବ ନିର୍ବାଚିତ ସରପଞ୍ଚମାନଙ୍କୁ ନେଇ ଏକ ସଂଘ ଗଠନ ହୋଇଛି। ସରପଞ୍ଚମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଓ ବ୍ଲକର ସମସ୍ତ ସରପଞ୍ଚଙ୍କୁ ସଂଗଠିତ କରିବା ଲକ୍ଷ୍ୟ ନେଇ ସଂଘ ଗଠିତ ହୋଇଛି। ଏ ନେଇ ଠାକୁରମୁଣ୍ଡା ବ୍ଲକ ଅଧୀନରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ବ୍ଲକର ୧୮ଟି ପଞ୍ଚାୟତର ସରପଞ୍ଚଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଠାକୁରମୁଣ୍ଡା ସରପଞ୍ଚ ଆଲୋକ ଦଙ୍ଗଙ୍କ ସଭାପତିତ୍ୱରେ ଉପସ୍ଥିତ ସରପଞ୍ଚମାନଙ୍କ ମଧରେ ବିଭିନ୍ନ ପ୍ରସଙ୍ଗ ଆଲୋଚିତ ହୋଇଥିଲା। ଏଥିରେ ସର୍ବସମ୍ମତ କ୍ରମେ ପଡ଼ିଆବେଡ଼ା ପଞ୍ଚାୟତ ସରପଞ୍ଚ ଧର୍ମାନନ୍ଦ ନାୟକ ସଭାପତି ଭାବରେ ମନୋନୀତ ହୋଇଥିଲେ। ସେହିପରି ତରାମରା ପଞ୍ଚାୟତ ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ସମ୍ପାଦକ ଓ ଭାଲିଆଡାଳ ପଞ୍ଚାୟତ ସରପଞ୍ଚ ଜାହ୍ନବୀ ସୟ କୋଷାଧକ୍ଷ ଭାବରେ ମନୋନୀତ ହୋଇଥିଲେ। ଦିଗଧର ପଞ୍ଚାୟତ ସରପଞ୍ଚ ମଳୟ ପରିମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିମା ହରାଇଲାଣି ବୈତରଣୀ

- କମୁଛି ଜଳସ୍ତର
- ଆବର୍ଜନାରେ ହେଉଛି ଦୂଷିତ

ଆନନ୍ଦପୁର,୮।୬(ସ୍ୱ.ପ୍ର.)



ଉତ୍କଳର ପ୍ରାଚୀନ ଗଙ୍ଗା ପୁଣ୍ୟତୋୟା ବୈତରଣୀ। କେନ୍ଦୁଝର ଜିଲାର ଗୋନାସିକା ଗୀରି କନ୍ଦରରୁ ଜନ୍ମ ଲାଭ କରି ନିମ୍ନ ଶଯ୍ୟାକୁ ବୋହିଯାଇ ତା'ର ସୁଶୀତଳ ଜଳ ଧାରାରେ କେତେ ପ୍ରାଣୀଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିଛି। ବନଭୂମୀ ଦେଇ ବହି ଆସିଥିବାରୁ ଏହାର ଜଳକୁ ଔଷଧୀୟ ଜଳ ବୋଲି ବିବେଚନା କରାଯାଇଥାଏ। ରାଜରାଜୁଡା ଅମଳରୁ ଏହାର କୂଳରେ ବହୁ ଶୈବପୀଠ ବିରାଜମାନ କରି ଜନମାନସରେ ଭକ୍ତି ଭାବାତ୍ମକ ମନୋଭାବ ସୃଷ୍ଟି କରିଛି। ଶାସ୍ତ୍ରୀୟ ମତରେ ଗଙ୍ଗାଠାରୁ ପ୍ରାଚୀନ ଏହି ନଦୀ ଗୋ ମାତାଙ୍କ ନାସିକାରୁ ସୃଷ୍ଟି ହୋଇଥିବାରୁ ଏହା ପୁଣ୍ୟତମ ବୋଲି ମଧ ବିବେଚନା କରାଯାଇଥାଏ। ବର୍ଷର ବିଭିନ୍ନ ସମୟରେ ଏହି ନଦୀର ଜଳରାଶିରେ ସ୍ନାନ ତର୍ପଣ କରି ପାପକ୍ଷୟ ହୋଇଥାଏ ବୋଲି ଲୋକମତ ରହିଛି।

ଦିନ ଥିଲା ବୈତରଣୀ କଳ କଳ ଜଳରବରେ ବହି ଚାଲିଥିଲା। ଏହାର ଶୋଭାରାଶି କେନ୍ଦୁଝର ବନଭୂମିକୁ ଶୋଭାମୟ କରୁଥିଲା। ଏହାର କୂଳର ଚାଷବାସ ସବୁଜିମାମୟ ପରିବେଶ ସୃଷ୍ଟି କରୁଥିଲା। ମନ୍ତ୍ର ଧ୍ୱନୀରେ ଏହାର ତଟଦେଶ ମୁଖରିତ ହେଉଥିଲା। ହେଲେ ଏହି ବୈତରଣୀ ଆଜିକା ଦିନରେ ବହୁ ସମସ୍ୟା ଦେଇ ଗତି କରୁଥିବାରୁ ଜନମାନସରେ ଆଲୋଡନ ସୃଷ୍ଟି କରିଛି। ସେହି ପୂର୍ଣ୍ଣଗର୍ଭା ବୈତରଣୀର ଗର୍ଭ ଶୁଷ୍କମୟ ହୋଇପଡିଛି। ବାଲୁକାରାଶିରେ ପରିପୂର୍ଣ୍ଣ ଏହାର ଗର୍ଭରେ ସଂକୀର୍ଣ୍ଣ ପଥରେ ଜଳ ପ୍ରବାହିତ ହେବାରେ ଲାଗିଛି। ଲୋକଙ୍କର ଚାଷ ବାସ, ସ୍ନାନ ତର୍ପଣ ଅଭାବ ପୂରଣ କରିଆସୁଥିବା ଏହି ଜଳରାଶି ଏବେ ଲୋକଙ୍କ ଅଭାବ ପୂରଣ କରିବାରେ ଅକ୍ଷମ। ନଦୀ କୂଳରେ ଗଢିଉଠିଥିବା ବଜାର ଘାଟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଥିବା ମଧ ପରିଲକ୍ଷିତ ହୋଇଛି। ଚା' ଜଳଖିଆ ଠାରୁ ଆରମ୍ଭ କରି ମାଛ ମାଂସ ଦୋକାନ ଗୁଡିକର ଅଳିଆ ଆବର୍ଜନା ସବୁ ସିଧାସଳଖ ନଦୀ ଗର୍ଭକୁ ଯାଇ ଏହାର ସୁମଧୁର ଜଳରାଶିକୁ ଦୂଷିତ କରିବାରେ ଲାଗିପଡିଛି। ସ୍ଥାନୀୟ ପ୍ରଶାସନିକ ସ୍ତରରେ ଏସବୁ ପ୍ରତି ଦୃଷ୍ଟି ଦିଆଯାଇ କିଛି ଗୋଟେ ମାଷ୍ଟର ପ୍ଲାନ୍ କରାଗଲେ ହୁଏତ ନଦୀ ଜଳର ପ୍ରଦୂଷଣ ରୋକି ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିପରି ନଦୀଶଯ୍ୟା ଏବେ ବାଲିରେ ପରିପୂର୍ଣ୍ଣ ହେବାକୁ ଲାଗିଲାଣି। ଫଳରେ ନଦୀର ଜଳ ଧାରଣର କ୍ଷମତା ଧୀରେ ଧୀରେ କମିବାରେ ଲାଗିଛି। ନଦୀବଢି ସମୟରେ ଜଳରାଶି ସହଜରେ ନିଷ୍କାସିତ ହୋଇ ନ ପାରି ନଦୀବନ୍ଧ ପ୍ରତି ଯଥେଷ୍ଟ ବିପଦ ସୃଷ୍ଟି କରୁଛି। ଯେଉଁ କେତେକ ସ୍ଥାନରେ ଟେଣ୍ଡର ମାଧ୍ୟମରେ ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳୁଛି ସେସବୁ ସ୍ଥାନରେ ନଦୀର ପତ୍ତନ ସନ୍ତୋଷ ଜନକ ରହୁଥିବାବେଳେ ଅନ୍ୟସ୍ଥାନ ଗୁଡିକରେ ବାଲୁକା ଶଯ୍ୟା ନଦୀ ପତ୍ତନକୁ ହ୍ରାସ କରୁଛି। ପ୍ରଶାସନିକ ସ୍ତରରେ ଉଦ୍ୟମ ହେଲେ ବାଲି ଶଯ୍ୟାକୁ ଉଠାଯାଇ ନଦୀର ପତ୍ତନକୁ ନିୟନ୍ତ୍ରଣକୁ ଅଣାଯାଇପାରନ୍ତା ବୋଲି ମତ ପ୍ରକାଶ ପାଉଛି।

ଆଉ ଏକ ଚିନ୍ତା ଜନକ ବିଷୟ ସାଜିଛି ବୈତରଣୀ ନଦୀର ସୁମଧୁର ଜଳକୁ ପାଇପ୍ ମାଧ୍ୟମରେ ଆଇରନ ଯୋଗାଣ କାର୍ଯ୍ୟରେ ବ୍ୟବହାର କରାଯିବା। ପାଇପ୍ ମାଧ୍ୟମରେ ବୈତରଣୀ ଜଳକୁ ବ୍ୟବହାର କରାଯାଇ ଲୁହା ଗୁଣ୍ଡ ପରିବହନ କରିବା ଦ୍ୱାରା ଏହାର ଜଳସ୍ତର ମଧ ହ୍ରାସ ପାଇବାରେ ଲାଗିଛି। ଅନ୍ୟପକ୍ଷରେ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳକୁ ସଂରକ୍ଷଣ କରାଯାଇ ବିଭିନ୍ନ କାର୍ଯ୍ୟରେ ବ୍ୟବହାର ଉପଯୋଗୀ କରିବାର ବ୍ୟବସ୍ଥା ହୋଇଥିଲେ ବି ବ୍ୟାରେଜ ତା'ର ଲକ୍ଷ୍ୟ ଠାରୁ ବହୁ ଦୂରରେ ଥିବା ଭଳି ପରିଲକ୍ଷିତ ହୋଇଛି। ବହୁବିଧ ସମସ୍ୟାକୁ ନେଇ ବୈତରଣୀ ତା'ର ପୂର୍ବ ଗରିମାକୁ ଭୁଲିବାକୁ ବସିଛି।

## ପୁଅର ଶାବଳ ମାଡ଼ରେ ମା' ମୃତ

କେନ୍ଦୁଝର, ୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ଥାନା ବନବିହାରୀପୁର ନୂଆଗାଁ ମୁଣ୍ଡା ସାହିରେ ଜଣେ ନିଶାସକ୍ତ ପୁଅ ବିଧବା ମା'ଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଟୁଲେଇ ମୁଣ୍ଡା । ପୋଲିସ ଅଭିଯୁକ୍ତ ପୁଅଙ୍କୁ ଅଟକ ରଖି ପଚରାଉଚରା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ହତ୍ୟା ମାମଲା (ନଂ.୯୦/୨୨) ରୁଜୁ ହୋଇଛି।

ମଙ୍ଗଳବାର ଡବରୁ ନିଶାସକ୍ତ ଅବସ୍ଥାରେ ରାତିରେ ଘରକୁ ଫେରିବାର ପରେ ତାଙ୍କ ମା' ଟୁଲେଇ ତାଗିଦ୍ କରିଥିଲେ। ଏହି ସମୟରେ ଦୁଇଜଣଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଡବରୁ ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କ ମା'ଙ୍କୁ ପ୍ରଥମେ ପିଟିଥିଲେ ଓ ପରେ ଘରେ ଥିବା ଶାବଳରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ରକ୍ତାକ୍ତ ଅବସ୍ଥାରେ ତାଙ୍କର ଜୀବନ ଚାଲିଯାଇଥିଲା ବୋଲି ଅଭିଯୋଗ ହୋଇଛି। ବୁଧବାର ସକାଳେ ଘଟଣା ଜଣାପଡ଼ିବାପରେ ପୋଲିସ ପହଞ୍ଚି ଅଭିଯୁକ୍ତ ପୁଅଙ୍କୁ ଅଟକ ରଖିଛି।

## ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

ରୂପସା, ୮।୬(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ସେବା, ସୁଶାସନ, ଗରିବ କଲ୍ୟାଣର ୮ବର୍ଷ ପୂରଣ ହେବା ଅବସରରେ ମଙ୍ଗଳବାର ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅଧୀନ ପରିଖି ପଞ୍ଚାୟତଠାରେ ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ 'ଏସ୍ଏଚ୍ଜି ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସ୍ଏଚ୍ଜି (ସ୍ୱୟଂ ସହାୟିକା ଗୋଷ୍ଠୀ), ଆଶା କର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଶରେ ମହିଳାଙ୍କ ବିକାଶ, ଉନ୍ନତି ଓ ସଶକ୍ତିକରଣ ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରାଥମିକତା। ଏପରିକି ଗତ ୮ବର୍ଷ ଶାସନକାଳରେ ମୋଦି ସରକାର ଶିକ୍ଷା, ଅର୍ଥ, ବୈଦେଶିକ, ସାମାଜିକ ସୁରକ୍ଷା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟର ଦାୟିତ୍ୱ ମହିଳାମାନଙ୍କୁ ପ୍ରଦାନ କରିଛନ୍ତି। ଆତ୍ମନିର୍ଭର ଭାରତ ଗଠନରେ ମହିଳାଙ୍କ ଭୂମିକାକୁ ମୋଦି ସରକାର ଅତ୍ୟନ୍ତ ଗୁରୁତ୍ୱ ଦେଉଛନ୍ତି ବୋଲି ସଦର ନେତା ଦତ୍ତ ପ୍ରକାଶ କରିଛନ୍ତି। ସମାବେଶରେ ଚାନ୍ଦିପୁର ମଣ୍ଡଳ ସଭାପତି ଅନୀଲ ପାତ୍ର, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଜିଲା ମହିଳାମୋର୍ଚ୍ଚାର ଉପସଭାନେତ୍ରୀ ସଂଯୁକ୍ତା ମହାପାତ୍ର, ପଞ୍ଚାୟତ ସଭାପତି ଅମଳ ମଣ୍ଡଳ, ୱାର୍ଡ଼ମେମ୍ବର ଗୌରାଙ୍ଗ ମଣ୍ଡଳ, ମହିଳା ସଭାନେତ୍ରୀ ମାମୁନି ହାତୀ, କାଳିଆ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକଳ୍ପ ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ୍

ଭଦ୍ରକ ଅଫିସ/ବାସୁଦେବପୁର,୮।୬ (ଡି.ଏନ.ଏ.)



ସମୀକ୍ଷା ବୈଠକରେ ଅଧିକାରୀମାନେ।

**ଜଳଶକ୍ତି ଅଭିଯାନ**

ଜଳଶକ୍ତି ଅଭିଯାନ ଯୋଜନାରେ ନିର୍ମିତ ଓ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ ପାଇଁ ଦୁଇଜଣିଆ କେନ୍ଦ୍ରୀୟ ଟିମ୍ ଦୁଇଦିନିଆ ଭଦ୍ରକ ଗସ୍ତ କରି ଫେରିଛି। ଏହି ଟିମ୍ ମଙ୍ଗଳବାର ଭଦ୍ରକରେ ପହଞ୍ଚିବା ପରେ ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧ୍ୟକ୍ଷତାରେ ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ନୋଡାଲ ଅଧିକାରୀ ଭାବେ ଆସିଥିବା ଭାରତୀୟ ପ୍ରଶାସନିକ ଅଧିକାରୀ ନିର୍ଦ୍ଦେଶକ (ଆର୍ଏଚ୍) ଡ. ମନସ୍ୱୀ କୁମାର ଏବଂ ଟେକ୍ନିକାଲ ଅଧିକାରୀ ଅମଲ ଏସ୍. ବୋରକର, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ, ଧାମନଗର, ବାସୁଦେବପୁର, ଭଣ୍ଡାରିପୋଖରୀ ବ୍ଲକ ସମେତ ୨ ପୌରପାଳିକା ଓ ଏକ ଏନ୍ଏସିରେ କାର୍ଯ୍ୟକାରୀ କରାଯାଇଥିବା ଜଳଶକ୍ତି ଅଭିଯାନର ପ୍ରକଳ୍ପ ପାଇଁ ବ୍ୟୟବରାଦ, କାର୍ଯ୍ୟର ଅଗ୍ରଗତି, ପ୍ରକଳ୍ପର ସ୍ଥାନ, ପ୍ରକଳ୍ପ ନାମ ଆଦି ବିଷୟରେ ଉପସ୍ଥାପନା କରାଯାଇଥିଲା। ପରେ ଭଦ୍ରକ ପୌରପାଳିକାର ୧୪ନଂ. ୱାର୍ଡରେ 'ଯାସ୍ମିନ୍' ଏସଏଚଜି ଦ୍ୱାରା ନିର୍ମାଣାଧୀନ ବର୍ଷା ଜଳକୁ ନାଳ ମଧ୍ୟରେ ସକ୍ପିଟ୍ ଦ୍ୱାରା ଭୂତଳକୁ ପ୍ରବେଶ କରାଇବା ପ୍ରକଳ୍ପ ଦେଖିବା ସହ ମହିଳାମାନଙ୍କୁ ଏହାର ଉପଯୋଗିତା ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହାପରେ ଓଲଙ୍ଗ ପଞ୍ଚାୟତରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଛାତ ଜଳକୁ ପାଇପ୍ ଯୋଗେ ସଂଗ୍ରହ କରାଯାଇ ବଡ଼କୁଣ୍ଡ ମଧ୍ୟରେ ସକ୍ପିଟ୍ ଜରିଆରେ ଭୂତଳକୁ ପ୍ରବେଶ କରାଇବା ପ୍ରକଳ୍ପ ଦେଖିଥିଲେ। କାଉପୁର ପଞ୍ଚାୟତକୁ ଗସ୍ତ କରି ଅମୃତ ସରୋବର ଯୋଜନାରେ ଖନନ ଚାଲିଥିବା ବୁରିଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିଥିଲେ। ଏପିଡି କୁଶଳ ଚନ୍ଦ୍ର ନାୟକ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ଓଏଲ୍ଏମ୍ ଜିଲା ପୋଗ୍ରାମ ମ୍ୟାନେଜର ସଞ୍ଜୟ ବାରିକ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶିକା ଉର୍ମିଳା ମହାପାତ୍ର, ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେନ୍ଦ୍ରୀୟ ଟିମ୍ ବାସୁଦେବପୁର ବ୍ଲକର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲା। ଗଦି ଗ୍ରାମଠାରୁ ଗୋପବନ୍ଧୁନଗର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଚାରାରୋପଣ, ସାନକୃଷ୍ଣପୁର ପଞ୍ଚାୟତର ଏକ କମ୍ୟୁନିଟି ପୋଖରୀ ଉନ୍ନତୀକରଣ ନେଇ ଅଧିକାରୀମାନେ ପରିଦର୍ଶନ କରିଥିଲେ।

## 'ସଂସ୍କୃତି ବଞ୍ଚିଲେ ସଭ୍ୟତା ରହିବ'

### ବାଲିଆପାଳ ଗ୍ରାମୀଣ ମେଳାର ୫ମ ସନ୍ଧ୍ୟା

ବାଲିଆପାଳ, ୮।୬(ସ୍ୱ.ପ୍ର.)

ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱବନ୍ଦ୍ୟ। ସଂସ୍କୃତି ହେଉଛି ଭାରତୀୟ ସଭ୍ୟତାର ଆଧାରଶୀଳା। ପାଶ୍ଚାତ୍ୟ ଅପସଂସ୍କୃତି ଏବେ ଭାରତରେ ତାର କାୟା ବିସ୍ତାର କରିଛି। ଯୁବପିଢ଼ି ଅପସଂସ୍କୃତି ପଛରେ ପଡ଼ିଛନ୍ତି। ମା' ମାଟି ପ୍ରତି ସେମାନଙ୍କ କୌଣସି ଆକର୍ଷଣ ରହୁନାହିଁ। ସଂସ୍କୃତି ବଞ୍ଚିଲେ ସଭ୍ୟତା ରହିବ। ମେଳା ମହୋତ୍ସବ ଜରିଆରେ ଅପସଂସ୍କୃତିକୁ ରୋକାଯାଇପାରିବ ବୋଲି ମଙ୍ଗଳବାର ବାଲିଆପାଳ ନେତାଜୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ବାଲିଆପାଳ ଗ୍ରାମୀଣ ମେଳାର ୫ମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ମେଳା କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ଅଧାପକ ଡ. ସୁଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଲିଆପାଳ ବିଡ଼ିଓ ଦୀପକ କୁମାର ଦାଶ ମୁଖ୍ୟଅତିଥି, କବି, ସାହିତ୍ୟିକ ଅଧାପକ ସୁକାନ୍ତ ଗିରି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୁବଶିଳ୍ପ ଉଦ୍ୟୋଗୀ ପ୍ରଦୀପ କୁମାର କର ଯୋଗ ଦେଇଥିଲେ। କମିଟି ସଭ୍ୟ ରାଧାକୃଷ୍ଣ ଦାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତାପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ମନୋଜ କୁମାର ଜେନା, ସେକ ଦାଦୁ, ଏସ୍‌କେ ମସିରୁଦ୍ଦିନ, ସଦାଶିବ ସେଠୀ, ରତିକାନ୍ତ ପାତ୍ର, ହରେକୃଷ୍ଣ ଦାସ, ସଞ୍ଜୀବ କୁମାର ପାତ୍ର, ହରବନ୍ଧୁ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ମେଳା କମିଟି ପକ୍ଷରୁ ଅପରାହ୍ନରେ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେଳାରେ ମୀନାବଜାର, ନାଗର ଦୋଳି ଓ ମେଲୋଡ଼ି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହୋଇଥିଲା।



ବାଲିଆପାଳ ଗ୍ରାମୀଣ ମେଳାର ପଞ୍ଚମ ସନ୍ଧ୍ୟାରେ ଅତିଥିଗଣ।

## ଗ୍ରାହକ ଜନ ସମ୍ପର୍କ ଅଭିଯାନ ପାଇଁ ଆଇକନିକ୍ ସପ୍ତାହ

କେନ୍ଦୁଝର, ୮।୬(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ଅଗ୍ରଣୀ ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାହକ ଜନ ସମ୍ପର୍କ ଅଭିଯାନ ଅବସରରେ ଆଇକନିକ ସପ୍ତାହ ବୁଧବାର ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ଏହାକୁ ସଦର ବିଧାୟକ ମୋହନ ମାଝି , ଜୋନାଲ ମ୍ୟାନେଜର ଉମେଶ କୁମାର ରଥ, କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ପ୍ରାୟୋଜିତ ଆତ୍ମନିର୍ଭରଶୀଳ ଯୋଜନା ଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ଓ ଲୋକମାନେ ଉନ୍ନତ ସେବା ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଜିଲାର ବିଭିନ୍ନ ବ୍ୟାଙ୍କ ସାମିଲ ହୋଇଥିଲେ। ମୁଖ୍ୟଅତିଥି ମାଝୀ କେନ୍ଦ୍ର ସରକାରଙ୍କ ବିଭିନ୍ନ କେନ୍ଦ୍ରୀୟ ଯୋଜନା ବିଷୟରେ ଅବଗତ କରିବା ସହ ଏହାର ସୁଫଳ ହିତାଧିକାରୀ କିପରି ପାଇବେ ସେ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ମିଳିଥିବା ଋଣ ସୀକୃତି ପତ୍ରକୁ ଅତିଥିଙ୍କ ଦାରା ପ୍ରଦାନ କରାଯାଇଥିଲା।

## ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଜଳେଶ୍ୱରରେ ସମ୍ବର୍ଦ୍ଧନା

### 'ଜନସେବକ ଭାବେ ଦାୟିତ୍ୱ ସମ୍ପାଦନ କରିବି'

ଜଳେଶ୍ୱର, ୮।୬(ଡି.ଏନ.ଏ.)



ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ସୌଜନ୍ୟରେ ବୁଧବାର ମୂରଲୀ କଲ୍ୟାଣ ମଣ୍ଡପଠାରେ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଚିନ୍ମୟ ଦାସ ସଂଯୋଜନା କରିଥିବା ବେଳେ ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ସୂଚନା, ସ୍ୱାଗତ ଓ ସମ୍ବର୍ଦ୍ଧନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବ୍ଲକ ଅଧ୍ୟକ୍ଷ ମାନସ ଜେନା ମନ୍ତ୍ରୀ ପାତ୍ରଙ୍କ ସାଧନା, କର୍ତ୍ତବ୍ୟ ଓ ଏକାଗ୍ରତା ଶୀର୍ଷ ସ୍ଥାନରେ ପହଞ୍ଚିଛି ଓ ଜଳେଶ୍ୱରର ସାମଗ୍ରିକ ବିକାଶ ଲାଗି ସମୟ ଆସିଛି ବୋଲି କହିଥିଲେ ।

ସମ୍ବର୍ଦ୍ଧନାର ଉତ୍ତରରେ ସେ ଜଣେ ମନ୍ତ୍ରୀ ନୁହନ୍ତି, ଜଳେଶ୍ୱର ଓ ରାଜ୍ୟବାସୀଙ୍କର ଜଣେ ଜନସେବକ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଓ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ବର୍ଦ୍ଧନାରେ ବିଡିଓ, ତହସିଲଦାର, ପୌରଅଧିକାରୀ, ପୌରପାଳ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ଜଳେଶ୍ୱର ବହୁ ସଙ୍ଗଠନ, ବ୍ୟକ୍ତିବିଶେଷ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲା ପରିଷଦ ଉପସଭାନେତ୍ରୀ ଅନୁସୂୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପରିଷଦ ଉପସଭାନେତ୍ରୀ ଅନୁସୂୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏକ ବାଇକ୍ ରାଲିରେ ମନ୍ତ୍ରୀଙ୍କୁ ଷ୍ଟେଶନବଜାରଠାରୁ ପାଛୋଟି ଅଣାଯାଇଥିବା ବେଳେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପକ୍ଷରୁ ଅନ୍ୟ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଗଦାଧର ଗିରି ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ ।

## ଡୁମୁରିଆ ବି.ଏସ୍. ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର

ପାଟଣା, ୮।୬( ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆସ୍ଥିତ ବି.ଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି L ଉକ୍ତ ବିଦ୍ୟାଳୟ ପରିବେଶକୁ ସବୁଜ ବଳୟ, ପାରିପାର୍ଶିକ ପରିବେଶରେ ସ୍ୱଚ୍ଛତା ଆଣିବାରେ ପ୍ରଧାନ ଶିକ୍ଷକ ସୁଧାକର ପଣ୍ଡାଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ପୁରସ୍କାର ମିଳିଛି। ଗତ ୫ ତାରିଖ ବିଶ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କାର୍ଯକ୍ରମରେ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅତିରିକ୍ତ ମୂଖ୍ୟ ଶାସନ ସଚିବ ଡକ୍ଟର ମୋନା ଶର୍ମା, ଓଡ଼ିଶା ଜୈବ ବିବିଧତା ବୋର୍ଡର ଅଧକ୍ଷ ରାଜୀବ କୁମାର ଓ ରାଜ୍ୟ ଜଙ୍ଗଲ ପରିବେଶ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କୁ ପ୍ରକୃତିମିତ୍ର ପୁରସ୍କାରରେ ପ୍ରମାଣ ପତ୍ର ଓ ୨୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।

## ପଦଯାତ୍ରା କରିବେ ସେବାୟତ

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ

ବାରିପଦା ଅଫିସ,୮।୬

ମୟୂରଭଞ୍ଜ ଜିଲା ଦେବୋତ୍ତର ବିଭାଗ ଅଧୀନରେ ଥିବା ମଠମନ୍ଦିରରେ ଠାକୁରଙ୍କ ରୀତିନୀତିକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରିବା ଲାଗି ଓଡ଼ିଶା ମଠ ମନ୍ଦିର ସେବାୟତ ସଂଘ ପକ୍ଷରୁ ଆସନ୍ତା ୨୦ତାରିଖରେ ଏକ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାରେ ଥିବା ୧୦ଟି ମଠ ମନ୍ଦିରରେ ପୂଜା ପାଉଥିବା ଠାକୁରମାନଙ୍କ ରୀତିନୀତିରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସେବାୟତମାନଙ୍କ ବେତନ ବୃଦ୍ଧି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରିକି ଭୁବନେଶ୍ୱରଠାରେ ପୂର୍ବତନ ଆଇନମନ୍ତ୍ରୀଙ୍କ ସହ ଆଲୋଚନା କରାଯିବା ପରେ ମଧ ସୁଫଳ ମିଳିବା ପରିବର୍ତ୍ତେ ମନ୍ଦିରର ଆୟକୁ ନେଇ ବ୍ୟୟ କରିବାକୁ କୁହାଯାଇଛି। ଏହାକୁ ନେଇ ୨୦୨୧ରେ ଓଡ଼ିଶା ହିନ୍ଦୁ ଧାର୍ମିକ ଅନୁଦାନର ଅତିରିକ୍ତ ଦେବୋତ୍ତର ଆୟୁକ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ଅବହେଳା ଯୋଗୁ ୧୦ଟି ମଠମନ୍ଦିରର ମୋଟ ୪୦ହଜାର ୨୨୧ଏକର ୯୬ଡେସିମିଲ ଜମିଥାଇ ମଧ ଠାକୁର ଉପବାସରେ ରହୁଥିବା ଜଣାପଡ଼ିଛି। ଉକ୍ତ ଜମି ମଧ୍ୟରୁ ଅଧିକାଂଶ ସରକାରୀ ଖାତାକୁ ଯାଇଥିବା ବେଳେ ଅନେକ ଜମିକୁ ଜବରଦଖଲ ପରେ ବିକ୍ରି ମଧ କରାଯାଉଛି। ଫଳରେ ହଜାର ହଜାର ଏକର ସମ୍ପତ୍ତିର ମାଲିକ ଏବେ ଭୂମିହୀନ ହେବାକୁ ବସିଛନ୍ତି। ଠିକ୍ ସମୟରେ ଅନ୍ନଭୋଗ ଲାଗି ପାରୁ ନ ଥିବା ବେଳେ ସେବାୟତମାନେ ଉଚିତ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଠାକୁରଙ୍କ ସେବାଠାରୁ ଦୂରେଇ ଯାଇ ରୀତିନୀତିରେ ବିଳମ୍ବ ହେଉଥିବା ନଜିର ରହିଛି। ଏହାକୁ ନେଇ ସଂଘ ପକ୍ଷରୁ ବାରମ୍ବାର ଜିଲାପ୍ରଶାସନକୁ ଅବଗତ କରାଯାଉଥିଲେ ମଧ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରୀ କାର୍ଯ୍ୟାଳୟ ଓ ବଡ଼ ବଡ଼ କୋଠା ନିର୍ମାଣ କରିଥିବା ଅଧିକାରୀମାନେ ଠାକୁର ସମ୍ପତ୍ତିର ପୁନଃରୁଦ୍ଧାର କରିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି। ଠାକୁରଙ୍କ ସମ୍ପତ୍ତି ଓ ଗହଣାଗୁଡ଼ିକର ପୁନଃରୁଦ୍ଧାର, ମଠ ଓ ମନ୍ଦିରଗୁଡ଼ିକରେ ଠାକୁରଙ୍କ ରୀତିନୀତି ଠିକ୍ ଭାବେ ପରିଚାଳନା, ସେବାୟତଙ୍କ ମାସିକ ଭତ୍ତା ବୃଦ୍ଧି, ବାରିପଦା ଦେବୋତ୍ତର ବିଭାଗ ପାଇଁ ସ୍ୱତନ୍ତ୍ର ଅଫିସର ନିଯୁକ୍ତି ଓ ସେବାୟତମାନଙ୍କ ଇପିଏଫ ଲାଗୁ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଦୁର୍ଘଟଣାରେ ୨ ଗୁରୁତର

ମୋରଡା,(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଶୁଖିଲାଖାଲି ନିକଟରେ ଏକ ବାଇକ୍ ଓ ସାଇକେଲ ମଧ୍ୟରେ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ବୁଧବାର ରାତି ୭ଟା ସମୟରେ ସାରିଆ ଗ୍ରାମର ବାରିସ ମାରାଣ୍ଡି ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସାଇକେଲ ଚାଳକ ହରିଣାଶୋଳ ଗ୍ରାମର କୁଆଁର ମୁର୍ମୁଙ୍କୁ ପଛପଟୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ଦୋକାନରେ ଚଢ଼ାଉ, ୫ ଶିଶୁ ଶ୍ରମିକ ଉଦ୍ଧାର

ନୀଳଗିରି, ୮।୬(ସ୍ୱ.ପ୍ର.)-ବାଲେଶ୍ୱର ଜିଲାର ଚାଇଲ୍ଡଲାଇନ ଓ ଶ୍ରମବିଭାଗ ତରଫରୁ ବୁଧବାର ନୀଳଗିରି ବଜାରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ଦୋକାନରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବର ପାଇବା ପରେ ଏହି ଚଢ଼ାଉ କରାଯାଇଥିଲା। ମାଂସ ଦୋକାନ, ଥଣ୍ଡା ପାନୀୟ ଦୋକାନରେ କରାଯାଇ ମୋଟ ୭ଜଣଙ୍କୁ ଉଦ୍ଧାର କରାଯାଇଛି। ସେଥିମଧ୍ୟରୁ ୨ଜଣ ସାବାଳକ ହୋଇଥିବାରୁ ତଦନ୍ତ ପରେ ଛାଡି ଦିଆଯାଇଛି। ଅନ୍ୟ ୫ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ବାଲେଶ୍ୱରକୁ ପଠାଯିବା ନେଇ ସୂଚନା ମିଳିଛି। ଚଢାଉରେ ଚାଇଲ୍ଡ ଲାଇନ ଖଇରା, ବାଲେଶ୍ୱର ଟିମ୍ ଲିଡ଼ର ତପସ୍ୱିନୀ ନାୟକ, ପଞ୍ଚାନନ ତ୍ରିପାଠୀ ଓ ନୀଳଗିରି ଲେବର ଅଫିସର ଦୀପ୍ତିରଞ୍ଜନ ସାହୁ, ବାଲେଶ୍ୱର ଲେବର ଅଫିସର ଦିଲୀପ କୁମାର ହାଁସଦା ପ୍ରମୁଖ ଥିଲେ।

### ମସିଣାଶୋଳରେ ସ୍ୱତନ୍ତ୍ର ଗ୍ରାମସଭା

ମୋରଡା,୮।୬ (ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡ଼ିହା ପଞ୍ଚାୟତ ଅନ୍ତର୍ଗତ ମସିଣାଶୋଳ ଗ୍ରାମରେ ଜଙ୍ଗଲ ଅଧିକାର ଅଧିନିୟମ କମିଟି ଗଠନ ନିମନ୍ତେ ୱାର୍ଡସଭ୍ୟା ମାୟାବତୀ ମାରାଣ୍ଡିଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେଇଯାଇଛି। ବ୍ଲକ ଏବଂ ତହସିଲ ପ୍ରଶାସନର ନିର୍ଦ୍ଦେଶ କ୍ରମେ ବ୍ଲକ ପେସା ସଂଯୋଜକ ହିମାଂଶୁ ମହାନ୍ତ,ଜଙ୍ଗଲ ଅଧିକାର ଅଧିନିୟମ ସଂଯୋଜକ ରାଜେନ୍ଦ୍ର ମହାନ୍ତ ଏବଂ ଗ୍ରାମସଭା ମୋବିଲାଇଜର ରେଣୁବାଳା ମହାନ୍ତଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଜଙ୍ଗଲ ଅଧିକାର ଅଧିନିୟମ କମିଟି ଗଠନ କରାଯାଇ ରସାନନ୍ଦ ସୋରେନଙ୍କୁ ସଭାପତି ଏବଂ ପାର୍ବତୀ ବେଶ୍ରାଙ୍କୁ ସମ୍ପାଦକ ରୂପେ ଚୟନ କରାଯାଇଥିଲା। ଏହି ସଭାରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତି ସମାବେଶ

ଭଣ୍ଡାରିପୋଖରୀ ୮।୬(ସ୍ୱ.ପ୍ର.)-କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ ପାଳନ ଅବସରରେ ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତର ବଉଳଡିହଠାରେ ଅନୁସୂଚିତ ଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଂଯୋଜକ ଶ୍ରୀଧର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ ଯୋଗଦେଇ ମୋଦି ସରକାର ଅନୁସୂଚିତ ଜାତି ସ୍ୱାବଲମ୍ବୀ ହେବା ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ସଂଯୋଗ, ଖାଦ୍ୟ ସୁରକ୍ଷା ଆଇନରେ ରାଶନକାର୍ଡ, ସାମାଜିକ ସୁରକ୍ଷା, ଛାତ୍ରୀଛାତ୍ରଙ୍କ ପାଠପଢ଼ା, ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ପାଇଁ ଋଣ ପ୍ରଦାନ ଆଦି ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ସେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ପ୍ରଦ୍ୟୁମ୍ନ ସେନାପତି, ସ୍ୱରାଜ ମହାପାତ୍ର, ତରଣୀକାନ୍ତ ଯେନା, ରବିନାରାୟଣ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନଟବର ଯେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯୁବନେତା ଦଶରଥ ମଲିକ, କେଦାର ସାହୁ, ଦେବ ଯେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ପୂର୍ବତନ ସମବାୟ ସମିତି ସଭାପତିଙ୍କ ବିୟୋଗରେ ଶୋକ

ଧାମନଗର,୮।୬(ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ବ୍ଲକ କରଦା ସେବା ସମବାୟ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ଅନନ୍ତ ରାଉତଙ୍କ ବିୟୋଗରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପରିଷଦର କୋଷାଧ୍ୟକ୍ଷ ନିରାକାର ଧଳଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଅଶୋକ କୁମାର ମିଶ୍ର, ବିଚିତ୍ରାନନ୍ଦ ରାଉତ, ଦଶରଥ ଯେନା, ବିକାଶ ମହାପାତ୍ର, ନିରାକାର ତରାଇ, ଜ୍ୟୋତି ରଞ୍ଜନ ଦାଶ, ଶିବପ୍ରସାଦ ଦାସ, ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ହରିଶ୍ଚନ୍ଦ୍ର ବେହେରା କୃତଜ୍ଞତା ଜ୍ଞାପନ କରିଥିଲେ।

# ଜମି କାରବାରକୁ ନେଇ ହତ୍ୟା

## ୭ ଗିରଫ

**ବାଲେଶ୍ୱର ଅଫିସ, ୮।୬**



ଗିରଫ ଅଭିଯୁକ୍ତମାନେ।

ବାଲେଶ୍ୱର ଜିଲା ଚାନ୍ଦିପୁର ରାସ୍ତା ଗଛମାଳିଆ ଛକଠାରେ ଗତ ୩ତାରିଖ ରାତିରେ ସତ୍ୟବ୍ରତ ଦାସ (୪୨)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛନ୍ତି ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍। ଜମି କାରବାର ନେଇ ଟଙ୍କା ହଡ଼ପ ଓ ମଦ ବେପାର ବଟି ଆଦାୟ ଘଟଣାକୁ ନେଇ କେତେଜଣ ଯୁବକ ଏକାଠି ହୋଇ ହତ୍ୟା କରିଥିଲେ। ଏହି ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଥିବା ବୁଧବାର ପୂର୍ବାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ଗୋବିନ୍ଦ ସ୍ୱାମୀ ଓରଫ୍ ଆନ୍ନା, ବାଲେଶ୍ୱର ଜିଲା ବଳରାମଗଡ଼ି ଥାନା ମିର୍ଜାପୁର ଗ୍ରାମର ଶିବ ପ୍ରସାଦ ଜେନା, ସଦର ଥାନା ଖାନନଗର ଗ୍ରାମର ପ୍ରଶାନ୍ତ କୁମାର, ଟାଉନ ଥାନା ବାରବାଟି ଗ୍ରାମର ସୁବାଶିଷ ଦାସ ଓ ପାତ୍ରପଡ଼ା ଗ୍ରାମର ନବ ରାୟ, ସହଦେବଖୁଣ୍ଟା ମଡ଼େଲ ଥାନା ଗୁଡ଼ିପଦା ଗ୍ରାମର ଭବାନୀ ଶଙ୍କର ସାହୁ ଓ ଚାନ୍ଦିପୁର ଥାନା ସୋନାପୁର ଗ୍ରାମରେ ରହିଆସୁଥିବା ଭଦ୍ରକ ଜିଲା ସବରଙ୍ଗ ଗ୍ରାମର ପ୍ରେମାନନ୍ଦ ମଲ୍ଲିକ (୩୮)। ଅଭିଯୁକ୍ତମାନଙ୍କଠାରୁ ୧୧ ମୋବାଇଲ ଫୋନ୍, ୫ ଗାଡ଼ି ଓ ବଡ଼ ଛୁରୀ ଜବତ ହୋଇଛି। ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ସତ୍ୟବ୍ରତଙ୍କୁ ହତ୍ୟା କରିବା ପରେ ପୋଲିସକୁ ଚକ୍‌ମା ଦେବା ପାଇଁ ଫେରାର ନ ହୋଇ ମୃତଦେହ ପାଖରେ ରହି ସମବେଦନା ଜଣାଉଥିଲେ। କାନ୍ଦିବା ଅଭିନୟ ମଧ୍ୟ କରୁଥିଲେ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗୋବିନ୍ଦ ସ୍ୱାମୀ ଚାନ୍ଦିପୁର ଅଞ୍ଚଳରେ ୩ଟି ପ୍ଲଟ କିଣିଥିଲେ। ଉକ୍ତ ଜମିକୁ ଅଢ଼େଇ ବର୍ଷ ପୂର୍ବରୁ ନବ ରାୟ ୬୦ ଲକ୍ଷ ଟଙ୍କାରେ କିଣିବା ପାଇଁ ଡିଲ୍ କରିଥିଲେ। ଏହି ଡିଲ୍‌ରେ ମୃତକ ସତ୍ୟବ୍ରତ ମଧ୍ୟସ୍ଥତା କରିଥିଲେ। ଜମି ରେଜିଷ୍ଟ୍ରେସନ ସରିଯାଇଥିଲେ ମଧ୍ୟ ସତ୍ୟବ୍ରତ ନବଙ୍କଠାରୁ ଟଙ୍କା ନେଇ ଗୋବିନ୍ଦ ସ୍ୱାମୀଙ୍କୁ ଦେଇ ନ ଥିଲେ। ଗୋବିନ୍ଦ ସ୍ୱାମୀ ବାରମ୍ବାର ଟଙ୍କା ସତ୍ୟବ୍ରତଙ୍କୁ ମାଗିଥିଲେ। ଏଥିପାଇଁ ପୂର୍ବରୁ ଅଳ୍ପ ବହୁତ ଝଗଡ଼ା ମଧ୍ୟ ହୋଇଥିଲା। ଅନ୍ୟପକ୍ଷରେ ନବ ରାୟଙ୍କର ୩ଟି ମଦ ଦୋକାନ ଥିବା ବେଳେ ବଳରାମଗଡ଼ି ଓ ପାତ୍ରପଡ଼ା ଦୁଇଟି ଦୋକାନ କଥା ସତ୍ୟବ୍ରତ ବୁଝାବୁଝି କରିବା ସହ ପ୍ରତି ମଦ ବୋତଲ ପିଛା ୭, ୧୪ ଓ ୨୮ ଟଙ୍କା ଲେଖାଏଁ ବଟି ନେଉଥିଲେ। ଅନ୍ୟପକ୍ଷରେ କେତେକ ଖୁଚୁରା ଚୋରା ମଦବେପାରୀଙ୍କ ଦ୍ୱାରା ବେପାର କରି ସେମାନଙ୍କ ନିକଟରୁ ସମସ୍ତ ଲାଭ ଟଙ୍କା ନେଇଯାଉଥିବାରୁ ଅସନ୍ତୋଷ ବଢ଼ିଯାଇଥିଲା। ନବ ରାୟ ଓ ଗୋବିନ୍ଦ ସ୍ୱାମୀଙ୍କ ଯୋଜନା ଅନୁସାରେ ସମସ୍ତେ ମିଳିତ ଭାବେ ସତ୍ୟବ୍ରତଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତ ୩ ତାରିଖରେ ସତ୍ୟବ୍ରତ ଘରକୁ ଫେରୁଥିବା ବେଳେ ସମସ୍ତେ ମିଶି ଗଛମାଳିଆ ଛକଠାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସତ୍ୟବ୍ରତଙ୍କ ମୃତ୍ୟୁ ହୋଇଥିଲା। ଗିରଫ ୭ଜଣଙ୍କ ମଧ୍ୟରୁ ୫ଜଣ ସହଦେବଖୁଣ୍ଟା ଥାନାରେ ଅଟକ ଅଛନ୍ତି। ଆକ୍ରମଣ ଘଟଣାରେ ଗୋବିନ୍ଦସ୍ୱାମୀ ଆହତ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି। ନବ ରାୟଙ୍କୁ ଚାନ୍ଦିପୁର ଥାନାରେ ଅଟକ ରଖାଯାଇଛି। ଏନେଇ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହନ୍ତି, ଅଭିଯୁକ୍ତମାନେ ପୂର୍ବରୁ ବହୁ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବାରୁ ସେମାନଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ନିଶା କାରବାର, ଜମି ଦଲାଲ, ଲୁଟ୍ ଭଳି ସଙ୍ଗୀନ ମାମଲା ରହିଛି। ଖବରଦାତା ସମ୍ମିଳନୀରେ କ୍ରାଇମ ଡିଏସ୍‌ପି ଅମୂଲ୍ୟ ଧର, ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଓ ଚାନ୍ଦିପୁର ଥାନା ଅଧିକାରୀ ଅଜୟ ମୁର୍ମୁ ଉପସ୍ଥିତ ଥିଲେ।

## ପାଚିକା ସଂଘ ପକ୍ଷରୁ ବିଇଓ ଅଫିସ ଘେରାଉ




ପାଚିକା ସହାୟିକା ସଂଘ ସଦସ୍ୟା ଓ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଧାମନଗର, ୮।୬(ସ୍ୱ.ପ୍ର./ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର କାର୍ଯ୍ୟରତ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ୭ ଦଫା ଦାବି ନେଇ ବୁଧବାର ପୂର୍ବାହ୍ନରେ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକ ସଂଘର ସଭାନେତ୍ରୀ ଶାନ୍ତିଲତା ନାୟକ, ପ୍ରେମଲତା ମହାପାତ୍ର ଓ ଗୁରୁବାରି ପରିଡ଼ାଙ୍କ ନେତୃତ୍ୱରେ ସିଟୁ ସଙ୍ଗଠନ ସହଯୋଗରେ ଶତାଧିକ ମହିଳା ସହର ପରିକ୍ରମା କରି ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ପାଚିକାମାନଙ୍କୁ ସ୍ଥାୟୀ ଶ୍ରମିକ ମାନ୍ୟତା, ନିୟମିତ ବେତନ ପ୍ରଦାନ, ୨୮ ମାସର ବକେୟା ଦରମା ଦେବା, ବର୍ଷକୁ ୪ଟି ଲୁଗା, କାର୍ଯ୍ୟରୁ ଅନ୍ତର ହୋଇଥିବା ପାଚିକାମାନଙ୍କୁ ଯଥାଶୀଘ୍ର ନିୟୋଜିତ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ସମସ୍ତ ଦାବି କାର୍ଯ୍ୟକାରୀ କରିବା ପାଇଁ ଯଥାଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଭୀମସେନ ହୋ କହିଛନ୍ତି। ତେବେ ଏହି ଦାବି ସବୁ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଜଇନୁଲ ଆବେଦିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ଗୟାଧର ସାହୁ, ପାଚିକା ସଂଘର ନେତ୍ରୀ କନକଲତା ସାହୁ, ଅନ୍ନପୂର୍ଣ୍ଣା ମହାଲିକ, ମମତା ପାତ୍ର, ପ୍ରେମଲତା ତ୍ରିପାଠୀ, ସ୍ନେହଲତା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

**ଆରଡ଼ି, ୮।୬ (ଡି.ଏନ.ଏ.)**

ଭଦ୍ରକ ଜିଲାର ୮୦ଟି ୫-ଟି ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପଣ କାର୍ଯ୍ୟକ୍ରମ ବୁଧବାର ଚାନ୍ଦବାଲି ବ୍ଲକର ସାଏନ୍ତା ସାରଳା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଜିଲାପାଳ ତ୍ରିଲୋଚନ ମାଝି ପ୍ରଥମେ ଜିଲାର ୫-ଟି ରୂପାନ୍ତରିତ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଗ୍ରାମାଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିଲେ। ଛାତ୍ରୀ ସୋନାଲି ସୁପ୍ରିୟା ସାହୁ ନିଜ ବିଦ୍ୟାଳୟ ସମ୍ପର୍କରେ କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ କୁମାର ପାତ୍ର, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାଶ, ତହସିଲଦାର ସୁଶାନ୍ତ ସୁତାରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ୫-ଟି ରୂପାନ୍ତରିତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମୋ ସ୍କୁଲ ଅଭିଯାନ ସଭାପତି, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତିମାନେ ଏଥିରେ ସାମିଲ ହୋଇଥିଲେ।



ଲୋକାର୍ପଣ ଉତ୍ସବରେ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ।

## 'କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରାଯାଉ'

**ବାରିପଦା ଅଫିସ,୮।୬**

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ପୁରାଣ ତଥା ତାମୁଡିଆ ପୁରାଣ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ବୁଧବାର କୁଡୁମୀ ସେନା ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସେନାର ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦ଟି ଜାତିକୁ ଜନଜାତି ମାନ୍ୟତା ଦେବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୧୯୫୧ ପର୍ଯ୍ୟନ୍ତ ଜନଜାତି ତାଲିକାରେ ଥିବା କୁଡୁମୀ ଜାତିକୁ ରାଜ୍ୟ ସରକାର ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କୁଡୁମୀ ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମ ରାଜ୍ୟର ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଉଛି। ତାମୁଡିଆ ପୁରାଣ ଜାତିକୁ ଆଦିବାସୀ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ୨୦୧୮ରୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ବାରମ୍ବାର ଦାବି କରିଆସୁଥିବା କୁଡୁମୀ ଜାତିଙ୍କ ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବାରୁ ପୁଞ୍ଜିଭୂତ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟମାନଙ୍କ ମଧ୍ୟରେ ଜୟକୃଷ୍ଣ ମହାନ୍ତ, ବିବେକାନନ୍ଦ ମହାନ୍ତ, ଉପେନ୍ଦ୍ର ମହାନ୍ତ, ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ, ନିରୁପମା ମହାନ୍ତ, ଅଞ୍ଜଳି ମହାନ୍ତ, ହିମାଂଶୁ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବା କୁଡୁମୀ ସେନା କାର୍ଯ୍ୟକର୍ତ୍ତା।

## ୬୦ ବର୍ଷର ରାସ୍ତାକୁ ଅକ୍ତିଆର କରିବାକୁ ମସୁଧା

**ଯୋଡ଼ା, ୮।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ଆଜାଦ ବସ୍ତିରେ ଥିବା ଏକ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦସ୍ତ ଅକ୍ତିଆର କରିବାକୁ ମସୁଧା କରୁଥିବା ନେଇ ସ୍ଥାନୀୟବାସୀନ୍ଦା ୫ ନମ୍ବର ୱାର୍ଡ କାଉନସିଲର ମାଧ୍ୟମରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଯୋଡ଼ା ପୌରପାଳିକା ୫ ନମ୍ବର୍ ୱାର୍ଡ ଆଜାଦ ବସ୍ତି ଅଞ୍ଚଳରେ ଏକ ରାସ୍ତାକୁ ପ୍ରାୟ ୬୦ ବର୍ଷ ହେବ ସ୍ଥାନୀୟ ବାସିନ୍ଦା ବ୍ୟବହାର କରି ଆସୁଛନ୍ତି। ଉକ୍ତ ରାସ୍ତାକୁ କାଠୁରିଆମାନେ ଦୈନିକ ଜଙ୍ଗଲରୁ ଜାଳେଣି କାଠ ଆଣିବା ପାଇଁ ବ୍ୟବହାର କରିବା ସହ ଛାତ୍ରୀଛାତ୍ରମାନେ ତଥା ସ୍ଥାନୀୟ ବସ୍ତି ବାସିନ୍ଦା ଦୈନନ୍ଦିନ ଯିବା ଆସିବା କରିଥାନ୍ତି । ଏହାସହିତ ବସ୍ତି ପିଲା ଖେଳ ପଡିଆ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଯୋଡ଼ା ପୌରପାଳିକାରେ ଏବେ ଜାଗାର ମୂଲ୍ୟ ଅଧିକା ହୋଇଥିବାରୁ ଜଣେ ବ୍ୟକ୍ତି ନିଜ ପାଚେରୀକୁ ଧୀରେ ଧୀରେ ସମ୍ପ୍ରସାରଣ କରି ପ୍ରାୟ ଦଶ ଫୁଟର ରାସ୍ତାରୁ ଆଠ ଫୁଟ ନିଜ ଅଧୀନକୁ ନେଇ ସାରିଛନ୍ତି। ଏବେ ପୁଣି ଆଉ ଦୁଇ ଫୁଟ ରାସ୍ତାକୁ ଜୋର୍ କରି ଅଧିକୃତ କରିବାକୁ ଉଦ୍ୟମ କରୁଛନ୍ତି। ଏପରିହେଲେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ଏହାକୁ ନେଇ ସ୍ଥାନୀୟବାସୀନ୍ଦାମାନେ ମିଳିତ ହୋଇ ଏକ ପତ୍ର ମାଧ୍ୟମରେ ଯୋଡ଼ା ପୌରପାଳିକାରେ ଅଭିଯୋଗ କରିଛନ୍ତି। ପୌରପାଳିକା ପକ୍ଷରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି।

## ବିଦ୍ୟାଳୟ ଖେଳପଡ଼ିଆ ହାତେଇବା ପ୍ରୟାସକୁ ବିରୋଧ

**ଯୋଡ଼ା, ୮।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଲଇଡାପଦା ପଞ୍ଚାୟତ ଅନ୍ତର୍ଗତ ରୁରୁଡ଼ି ପ୍ରାଥମିକ ବିଦ୍ୟାଳୟ ନାମରେ ଖାତା ନଂ. ୭୨, ମୌଜା-ରୁରୁଡ଼ି, ପ୍ଲଟ (ନଂ. ୩୯୦/୬୦୮)ରେ ୨ ଏକର ୩୦ ଡିସିମିଲ ଜାଗା ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ସଂରକ୍ଷିତ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୧ଏକର ଏହି ମୂଲ୍ୟବାନ ଜମିକୁ ଇଡ୍‌କୋ ହାତେଇବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିଥିବା ଜଣାପଡିଛି। ଏହି ଆବେଦନ ପତ୍ରଟି ବଡ଼ବିଲ ତହସିଲଦାର ଆଲୋକ ପଟେଲଙ୍କ ନିକଟରେ ବିଚାରାଧୀନ ଥିବା ବେଳେ ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଲଇଡାପଦା ସରପଞ୍ଚ ବିଳାସୀନି ଓରାମଙ୍କ ମାଧ୍ୟମରେ ଗ୍ରାମବାସୀ ତହସିଲଦାରଙ୍କୁ ଏହି ଜାଗାକୁ ହସ୍ତାନ୍ତର ନ କରିବା ପାଇଁ ଅନୁରୋଧ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ତହସିଲଦାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ଜାଗା ହସ୍ତାନ୍ତର କରିବା ପୂର୍ବରୁ ଜାଗାର ସ୍ଥିତି ଅନୁଧ୍ୟାନ କରାଯାଇ ବିଚାରକୁ ନିଆଯିବ। ତେବେ ସରପଞ୍ଚ ବିଳାସୀନି ଓରାମ ଏହି ବିଦ୍ୟାଳୟ ନାମରେ ଥିବା ଜାଗାକୁ ବିଦ୍ୟାଳୟର ସମ୍ପ୍ରସାରଣ ଏବଂ ଶିଶୁମାନଙ୍କ ଖେଳ ପଡିଆ ନିମନ୍ତେ ସଂରକ୍ଷିତ ରଖାଯାଇଥିବା ବେଳେ ଜାଗାଟିକୁ ଇଡ୍‌କୋକୁ ହସ୍ତାନ୍ତର ନ କରିବା ପାଇଁ ନିବେଦନ କରିଛନ୍ତି। ତେବେ ଜାଗାଟିକୁ ହସ୍ତାନ୍ତର କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଲେ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଇଡ୍‌କୋର ବିଦ୍ୟାଳୟ ଖେଳ ପଡିଆ ଜାଗା ଅକ୍ତିଆର ପାଇଁ ବଡ଼ବିଲ ତହସିଲ କାର୍ଯ୍ୟାଳୟରୁ ତାଙ୍କ ପାଖକୁ ଚିଠି ଆସିଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଅଭିଯୋଗ କରିବାକୁ ଚିଠି ପାଇବା ପରେ ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଏ ନେଇ ଆଲୋଚନା କରି ଏହାକୁ ବିରୋଧ କରିଥିଲେ। ଚିଠି ପାଇବା ପରେ ସେ ତା ୮।୬।୨୨ରିଖରେ ଲିଖିତ ଭାବେ ଅଭିଯୋଗ ପତ୍ର ବଡ଼ବିଲ ତହସିଲଦାରଙ୍କୁ ଦେଇଥିବା ପ୍ରକାଶ କରିଛନ୍ତି। ବୁଧବାର ସକାଳୁ ଉକ୍ତ ଜାଗା ଉପରେ ଇଡ୍‌କୋ ସଂସ୍ଥା ମାଟି ପକାଉ ଥିବାବେଳେ ଗ୍ରାମବାସୀ ଏହି କାର୍ଯ୍ୟକୁ ବନ୍ଦ କରିଦେଇଥିବା ଜଣାପଡିଛି।



ତହସିଲ ଅଫିସ ଆଗରେ ଅଭିଯୋଗକାରୀମାନେ।

## କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ କମିଶନରଙ୍କୁ ଜାତୀୟ ଏସ୍‌ଟି କମିଶନଙ୍କ ନୋଟିସ୍

**କେନ୍ଦୁଝର, ୮।୬ (ସ୍ୱ.ପ୍ର.)**

କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ସୁରକ୍ଷାକର୍ମୀଙ୍କୁ ଅଧ୍ୟକ୍ଷ ନିର୍ଯାତନା ଦେଇଥିବା ଅଭିଯୋଗକୁ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର କମିଶନରଙ୍କୁ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଅନୁସୂଚିତ ଜନଜାତି କମିଶନ ନୋଟିସ କରିଛନ୍ତି। ୩୦ ଦିନ ମଧ୍ୟରେ ଏନେଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସବିଶେଷ ରିପୋର୍ଟ ଦେବାକୁ କମିଶନ ଆଦେଶ କରିଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ସ୍ଥାନୀୟ ଅଞ୍ଚଳର ଅର୍ଜୁନ ନାୟକ, ଭରତ ମୁଣ୍ଡ. ଉମା ନାୟକ ଓ ଅନ୍ୟମାନେ କମିଶନ ନିକଟରେ ସେମାନଙ୍କ ପ୍ରତି ହୋଇଥିବା ବିଭିନ୍ନ ପ୍ରକାରର ନିର୍ଯାତନାକୁ ନେଇ ଅଭିଯୋଗ କରିଥିଲେ। ପ୍ରତିବାଦ କରିବାରୁ ସେମାନଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ଅଭିଯୋଗକୁ ଗ୍ରହଣ କରି କମିଶନ ଗତ ୨୩ ତାରିଖରେ ଏହି ନୋଟିସ ଜାରି କରିଥିବା ଜଣାପଡିଛି।

## ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

**ଖଇରା, ୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନପୁର ପଞ୍ଚାୟତ ଅଧୀନ ରଘୁନାଥପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀକକ୍ଷ ଅଭାବ ଯୋଗୁ ୨ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ବସି ପଢିବାକୁ ପଡୁଛି । ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ବିକଳ୍ପ ବ୍ୟବସ୍ଥା କରା ନ ଗଲେ ଅଭିଭାବକମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ଉକ୍ତ ବିଦ୍ୟାଳୟରେ ଏବେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୪ ପିଲା ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୮ଟି ଶ୍ରେଣୀର ଆବଶ୍ୟକତା ରହିଛି। ୟାସ୍ ବାତ୍ୟା ପୂର୍ବରୁ ପିଲାମାନଙ୍କୁ ଯେନତେନ ପ୍ରକାରେଣ କାମ ଚଳୁଥିଲା। ହେଲେ ୟାସ୍ ବାତ୍ୟାରେ ଘର ଭାଙ୍ଗିଯିବା ଏବଂ ଅନ୍ୟ ଏକ ଘର ଅସୁରକ୍ଷିତ ଥିବା ଯୋଗୁ ବସିବାକୁ ଭୟ କରୁଛନ୍ତି। ଏଣୁ ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ୩ଟି ଘରେ ୬ଟି ଶ୍ରେଣୀ ଚାଲୁଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ବାରଣ୍ଡାରେ ବସି ପଢିବାକୁ ପଡୁଛି। ସେପଟେ ଅନ୍ୟ ୩ଟି ଗୃହରେ ୬ଟି ଶ୍ରେଣୀର ପିଲାଙ୍କୁ ଏକ ସମୟରେ ପାଠ ପଢୁଥିବା ବେଳେ ଉଭୟ ଶିକ୍ଷକଙ୍କୁ ପଢାଇବା ଏବଂ ଛାତ୍ରୀଛାତ୍ରଙ୍କୁ ଶୁଣିବା ପାଇଁ କସରତ କରିବାକୁ ପଡୁଛି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସିଂ କହିଛନ୍ତି, ୟାସ୍ ବାତ୍ୟାରେ ଘର ଭାଙ୍ଗିବା ପରେ ସେ ଶିକ୍ଷା ବିଭାଗର ଜିଲାସ୍ତରରୁ ବ୍ଲକସ୍ତର ଏବଂ ସ୍ଥାନୀୟ ସରପଞ୍ଚ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ସାରିଥିବା କହିଛନ୍ତି । ପରିଚାଳନା କମିଟି ସଭ୍ୟା ମଞ୍ଜୁଲତା ମହାକୁଡ ମଧ୍ୟ ଶ୍ରେଣୀକକ୍ଷ ଅଭାବକୁ ନେଇ ଗୋଟିଏ ଘରେ ୨ଟି ଶ୍ରେଣୀର ପିଲା ପଢିବା ସମୟରେ ଶିକ୍ଷକ ଓ ପିଲାମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ କହିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀଙ୍କୁ ଶ୍ରେଣୀଗୃହ ଅଭାବ ବିଷୟରେ ସେ ଅବଗତ ଅଛନ୍ତି । ବର୍ତ୍ତମାନ ପଞ୍ଚାୟତ ଚାହିଁଲେ ଏହି ଆବଶ୍ୟକତା ପୂରଣ ହୋଇପାରିବ ବୋଲି କହିଛନ୍ତି।



ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି।

### ମେଡିକାଲ କଲେଜ ନିଯୁକ୍ତିରେ ଅନିୟମିତତା

## ଆନ୍ଦୋଳନ ଚେତାବନୀ

**କେନ୍ଦୁଝର, ୮।୬(ସ୍ୱ.ପ୍ର.):**

କେନ୍ଦୁଝର ଜିଲାରେ ହଜାର ହଜାର ଶିକ୍ଷିତ ବେକାର ଯୁବତୀଯୁବକଥିବା ସତ୍ତ୍ୱେ କେନ୍ଦୁଝର ମେଡ଼ିକାଲ କଲେଜରେ ନୂତନଭାବେ ନିଯୁକ୍ତି ହେଉଥିବା ବିଭିନ୍ନ ବର୍ଗର କର୍ମଚାରୀ କେନ୍ଦୁଝର ଜିଲ୍ଲା ବାହାର ଯୁବକଯୁବତୀଙ୍କଠାରୁ ଲାଞ୍ଚ ନେଇ ନିଯୁକ୍ତି ବିରୋଧରେ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। କେନ୍ଦୁଝର ପାର୍କ ଲାଇନ ପାଖରେ ବୈଠକ ହୋଇଥିଲା। ଆବାହକ ଲମ୍ବୋଦର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ବ୍ଲକର ବେକାର ଯୁବତୀଯୁବକ ଯୋଗଦାନ କରି ନିଜର ମତାମତ ଦେଇଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ଗୁରୁବାର ଏ ସମ୍ପର୍କରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯିବା ସ୍ଥିରୀକୃତ ହୋଇଥିଲା। ନିଯୁକ୍ତିରେ କେନ୍ଦୁଝରର ସ୍ଥାନୀୟ ଯୁବତୀଯୁବକଙ୍କୁ ଅଗ୍ରାଧିକାର ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

## ବିଡିଓ ଦାୟିତ୍ୱରେ ବସ୍ତା ତହସିଲଦାର

ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବିଡିଓ ଜ୍ଞାନରଞ୍ଜନ ସାହୁଙ୍କ ବଦଳରେ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାଶ ୨ମାସ ପାଇଁ ଗୁରୁବାରଠାରୁ ବିଡ଼ିଓ ଦାୟିତ୍ୱରେ ରହିବେ ବୋଲି ସରକାରୀ ଭାବେ ଜଣାପଡ଼ିଛି। ସାହୁ ୨ମାସ ପାଇଁ ତାଲିମ ନେବାକୁ ଯାଉଥିବାରୁ ଏହି ପଦବୀରେ ଦାଶ ରହିବା ସହିତ ତହସିଲଦାର ଦାୟିତ୍ୱ ମଧ ତୁଲାଇବେ। ସାହୁ ୨୦୧୮ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ନିଯୁକ୍ତି ସହ ବିଭିନ୍ନ ସ୍ଥାନରେ ପ୍ରବେଶନାରୀ ତାଲିମ ନେଇ ପ୍ରଥମ ବିଡ଼ିଓ ଭାବେ ବସ୍ତାରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଉଦଳା ରଥଯାତ୍ରା ଲାଗି ବୈଠକ

ଉଦଳା,୮।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରଥଯାତ୍ରା ନିମନ୍ତେ ଖର୍ଚ୍ଚର ଆନୁମାନିକ ଅଟକଳ, ଶୃଙ୍ଖଳା ନିମନ୍ତେ ପୋଲିସ୍ ବ୍ୟବସ୍ଥା, ପିଇବା ପାଣି,ରଥଦାଣ୍ଡ ଦୁଇ ପାର୍ଶ୍ୱରୁ ଅସ୍ଥାୟୀ ଦୋକାନଗୁଡ଼ିକୁ ହଟାଇବା ସହିତ ପରିଷ୍କାର ପରିଚ୍ଛନ୍ନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ପୋଲିସ୍ ଉପସ୍ଥିତ ରହିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ହୋଟେଲମାନଙ୍କରେ ଆମିଷ ଖାଦ୍ୟ ଏବଂ ମାଂସ କଟା ବନ୍ଦ ରହିବା ନେଇ ପୋଲିସ୍ ଏବଂ ଏନ୍ଏସି ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ରଥଯାତ୍ରା ଏବଂ ବାହୁଡ଼ାର ଦୁଇ ଦିନ ବସ୍ ଏବଂ ଭାରୀଯାନ ଗୁଡିକ ବାଇପାସ୍ ରୋଡ଼୍‌ରେ ବସଷ୍ଟାଣ୍ଡକୁ ଯାତାୟାତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଉଦଳା ବିଧାୟକ ଭାସ୍କର ମଢେଇ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ଭଗବାନ ବେହେରା, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ରଥ ପରିଚାଳନା କମିଟିର ସମ୍ପାଦକ ଲକ୍ଷ୍ମଣ ନାୟକ ଏବଂ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ବାରିପଦା ଅଫିସ,୮।୬-ଜଗନ୍ନାଥ ଫାଉଣ୍ଡେସନ ଓ ଅର୍ଗାନାଇଜେସନ ଅଫ ରୁରାଲ ଡ଼େଭଲପମେଣ୍ଟର ମିଳିତ ସହଯୋଗରେ ବାରିପଦା ସହର ଉପକଣ୍ଠ ମହାରାଜପୁରରେ ପିଲାମାନଙ୍କର ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୫ରୁ ୧୩ବର୍ଷ ମଧ୍ୟରେ ୩୫ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ଓ ଔଷଧ ବିତରଣ କରାଯାଇଥିଲା। ଆଶିଷ କୁମାର ବସା ଓ ଫୁଲମଣୀ ମୁର୍ମୁ ପରିଚାଳନା କରିଥିଲେ।

### ଅବ୍ୟବସ୍ଥାରେ ଗୋପୀନାଥପୁର ସେବାଶ୍ରମ ବିଦ୍ୟାଳୟ

ସୋର, ୮।୬(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଗୋପୀନାଥପୁରଠାରେ ଅବସ୍ଥାପିତ ସେବାଶ୍ରମ ଆବାସିକ ବିଦ୍ୟାଳୟ ଅବ୍ୟବସ୍ଥା ମଧ ଦେଇ ଗତ କରୁଛି। କେତେକ ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଜରିଆରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ରହି ପଢୁଛନ୍ତି। ଏଠାରେ ରହୁଥିବା ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ପିଲାଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ନ ଥିବାରୁ ଏଠାରୁ ୨ କି.ମି ଦୂର ଅନ୍ୟ ଏକ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଉଛନ୍ତି, ଯାହା ଚିନ୍ତାର କାରଣ। ଏହାବ୍ୟତୀତ ପିଲାଙ୍କ ପାଇଁ ଭୋଜନାଳୟ ନ ଥିବାରୁ ଖରା ବର୍ଷାରେ ଖୋଲା ବାରଣ୍ଡାରେ ବସି ଖାଇବାକୁ ପଡୁଛି। ଏ ସମ୍ପର୍କରେ ୨୦୧୯ରେ ତତ୍‌କାଳୀନ ଜିଲାପାଳଙ୍କ ଜରିଆରେ ଅନୁସୂଚିତ ଜାତି ଓ ଜନଜାତି ସଚିବଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଚଳିତବର୍ଷ ବିଭାଗୀୟ ଉପସଚିବ ବାଲେଶ୍ୱର ଜିଲା ମଙ୍ଗଳ ଅଧିକାରୀଙ୍କୁ ଚିଠି ଲେଖିଥିଲେ ମଧ କାର୍ଯ୍ୟକାରୀ କରାଯାଉନାହିଁ। ବିଦ୍ୟାଳୟ ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ସାମାଜିକ କର୍ମୀ ଗିରିଜାଶଙ୍କର ମହାନ୍ତି ଦାବି କରିଛନ୍ତି।

# ୬ ପୋଲିସ ବିଟ୍ ହାଉସ୍‌ରେ ତାଲା

**ବାଲେଶ୍ୱର ଅଫିସ, ୮।୬**


ଫକୀରମୋହନ ମହାବିଦ୍ୟାଳୟ ପରିସରରେ ଥିବା ବିଟ୍ ହାଉସ।

ବାଲେଶ୍ୱର ସହରରେ ଅପରାଧକୁ ରୋକିବା ପାଇଁ ଆବଶ୍ୟକ ସ୍ଥାନରେ ପୋଲିସ ବିଟ୍ ହାଉସ ଖୋଲାଯାଇଥିଲା। ସେଥିମଧ୍ୟରୁ ସୁନହଟ, ଦାମୋଦରପୁର, ଫକୀରମୋହନ ମହାବିଦ୍ୟାଳୟ, ପରମିଟ୍ ଘାଟ, ଭାସ୍କରଗଞ୍ଜ ଓ ବାଲିଆରେ ଥିବା ବିଟ୍ ହାଉସ୍‌ରେ ତାଲା ଝୁଲୁଛି। ଏଥିପାଇଁ ପୋଲିସ ଅଧିକାରୀମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୃଣମୂଳସ୍ତରରେ ଅପରାଧୀମାନଙ୍କୁ ଚିହ୍ନଟ କରିବା, ନୂଆ କରି ଅପରାଧ ଘଟାଉଥିବା ବ୍ୟକ୍ତିଙ୍କୁ ଜାଣିବା, କୋର୍ଟରୁ ଆସୁଥିବା ସମନ ବଣ୍ଟନ କରିବା ଭଳି କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବା ଜଣାପଡ଼ିଛି। ସେଥିପାଇଁ ସହର ମଝିରେ ଅପରାଧୀମାନେ ଦିନ ଦ୍ୱିପ୍ରହରରେ ଛିନ୍‌ତାଇ, ଲୁଟ୍ କରି ସହଜରେ ଖସି ପଳାଉଛନ୍ତି।

ସହରର ମଧ୍ୟଭାଗରେ ଫକୀରମୋହନ ମହାବିଦ୍ୟାଳୟ ଥିବାରୁ ଶାନ୍ତିକାନନ, ମଲ୍ଲିକାଶପୁର, ଆଜିମାବାଦ, ମଠସାହି, ମାନସିଂବଜାର, ଗଡ଼ଗଡ଼ିଆ ଅଞ୍ଚଳରେ ଅଧିକ ଛାତ୍ରୀଛାତ୍ର ରହିବା ସହ ଯା'ଆସ କରିଥାନ୍ତି। ଦିନକୁ ଦିନ ଉକ୍ତ ଅଞ୍ଚଳରେ ବିଭିନ୍ନ ସମସ୍ୟା ବଢ଼ିବାରେ ଲାଗିଥିବା ବେଳେ ଛାତ୍ରୀଛାତ୍ରଙ୍କ ଦାବି ଓ ଆନ୍ଦୋଳନ ପରେ ଗତ ୨୦୧୮ ଅକ୍ଟୋବର ୧୦ ତାରିଖରେ ତତ୍କାଳୀନ ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶରେ ମହାବିଦ୍ୟାଳୟ ପରିସରରେ ଏକ ପୋଲିସ ବିଟ୍ ହାଉସ ଖୋଲାଯାଇଥିଲା। ସେଥିରେ ଜଣେ ଏଏସ୍ଆଇ ଓ କେତେଜଣ କନଷ୍ଟେବଲଙ୍କୁ ନିଯୁକ୍ତି କରାଯାଇଥିଲା। ଫଳରେ ଉକ୍ତ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣାଧୀନ ଥିଲା। ମାତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମୟରେ ଗତ କିଛିଦିନ ପୂର୍ବରୁ ପୋଲିସ ବିଟ୍ ହାଉସ ବନ୍ଦ ହୋଇଯିବା କାରଣରୁ ଉକ୍ତ ଅଞ୍ଚଳରେ ଅଧିକରୁ ଅଧିକ ଅପରାଧିକ

**ଅପରାଧ ନିୟନ୍ତ୍ରଣ କରିପାରୁନି ପୋଲିସ**

କାର୍ଯ୍ୟକଳାପ ଘଟୁଛି। ଏପରିକି ପୋଲିସ ମଧ ଚେଷ୍ଟା କରି ଅପରାଧୀମାନଙ୍କୁ ଧରିବାରେ ବିଫଳ ହେଉଛନ୍ତି। ସେହିପରି ଟାଉନ ଥାନା ଅଧୀନରେ ଥିବା ସୁନହଟ, ଦାମୋଦରପୁର, ପରମିଟ୍ ଘାଟରେ ଥିବା ପୋଲିସ ବିଟ୍ ହାଉସ ପାଇଁ ଉକ୍ତ ଅଞ୍ଚଳରେ ଘଟୁଥିବା ଅପରାଧସ୍ଥଳକୁ ପୋଲିସ ଯଥାଶୀଘ୍ର ପହଞ୍ଚିବା ସହ ତୁରନ୍ତ ଚିହ୍ନଟ କରିବା ସହ ଅପରାଧୀଙ୍କୁ ଗିରଫ କରିପାରୁଥିଲା ତାହା ହେବେ ସମ୍ଭବ ହେଉନାହିଁ। ସେହିପରି ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନରେ ଥିବା ଭାସ୍କରଗଞ୍ଜ ଓ ବାଲିଆ ବିଟ୍ ହାଉସ ବନ୍ଦ ହେବା ଫଳରେ ଉକ୍ତ ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହୋଇଉଠି ବହୁ ଅପରାଧ ଘଟାଉଥିବା ଜଣାପଡ଼ିଛି। ଯଥାଶୀଘ୍ର ପୋଲିସ ବିଟ୍ ହାଉସଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଶୁକୁଳି ଓ ରରୁଆଁ ପାଇଁ ଖବରଦାତା ଆବଶ୍ୟକ

ମୟୂରଭଞ୍ଜ ଜିଲା ଶୁକୁଳି ଓ ରରୁଆଁ ବ୍ଲକ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

# 'ଜୀବନ ସ୍ରୋତ' ଓ 'ତ୍ୟାଗଭୂମି ଭଦ୍ରକ' ଲୋକାର୍ପିତ



ଅତିଥିମାନଙ୍କ ଦ୍ୱାରା କବିତା ଗ୍ରନ୍ଥ ଲୋକାର୍ପଣ କରାଯାଉଛି।

**ଭଦ୍ରକ ଅଫିସ,୮।୬**

କବି ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ଜାତୀୟ ଜୀବନର ଜଣେ ଅଙ୍ଗୀକାରବଦ୍ଧ ଶିଳ୍ପୀ। ଜାତୀୟ ଜୀବନର ନିର୍ଲିପ୍ତ ବିଭୋରତା ତାଙ୍କ କବିତାର ହୃଦୟଭେଦି ଆହ୍ୱାନ ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ଆନୁକୂଲ୍ୟରେ ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଆୟୋଜିତ କବିତା ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ଡ. ମହାନ୍ତିଙ୍କ ଦୁଇଟି କବିତା ଗ୍ରନ୍ଥ 'ଜୀବନ ସ୍ରୋତ' ଓ 'ତ୍ୟାଗଭୂମି ଭଦ୍ରକ' ଲୋକାର୍ପଣ କରାଯାଇଥିଲା। ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱ ଓ ଡ. ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମନୀନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ କୁମାର ଦାସ, ଅନ୍ୟତମ ବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଓ ସାହିତ୍ୟିକ ଗଗନ ବିହାରୀ ରାଉତ ଯୋଗଦେଇ କବିତା ଉପରେ ଆଲୋଚନା କରିଥିଲେ। ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବାଇଚଢ଼େଇର ସମ୍ପାଦକ ବିକାଶ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରା, ବାଲ୍‌ଟି ଧରି ରାସ୍ତାରେ ବସିଲେ


ବାଲ୍‌ଟି, ଗରା ଧରି ଲୋକେ ରାସ୍ତାରୋକୋ କରିଛନ୍ତି।

**ନୀଳଗିରି, ୮।୬(ସ୍ୱ.ପ୍ର.)**

**ଜଳକଷ୍ଟ ଅସହ୍ୟ**

ନୀଳଗିରି ଏକ ଜଳକଷ୍ଟ ଅଞ୍ଚଳ। ନୀଳଗିରି ଅଧୀନ ସ୍ୱର୍ଣ୍ଣଚୂଡ଼ ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକରେ ଏହି କଷ୍ଟ ଖରାଦିନେ ଅଧିକ ଦେଖାଯାଇଥାଏ। ଜଳକଷ୍ଟ ସହି ନ ପାରି ଲୋକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ବାଲ୍‌ଟି ଓ ଗରା ଧରି ଲୋକେ ରାସ୍ତା ଅବରୋଧ କରିଛନ୍ତି।

ମହିଷାପଟା ପଞ୍ଚାୟତ ଜାମବଣି ଗାଁରେ ଦୀର୍ଘଦିନ ଧରି ବସୁଧା ଯୋଜନାରେ ଆସୁଥିବା ପାଣି ବନ୍ଦ ହୋଇଯାଇଥିଲା। ଗାଁରେ ଥିବା ନଳକୂପଗୁଡ଼ିକର ଜଳସ୍ତର କମିଯିବାରୁ ଗ୍ରାମବାସୀ ପାଣି ପାଇପାରୁ ନ ଥିଲେ। ଏନେଇ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା ଫଳ ଶୂନ୍ ହୋଇଥିଲା। ଗ୍ରାମବାସୀ ବାଧ ହୋଇ ବୁଧବାର ଜାମବଣି ଗ୍ରାମର ଶତାଧିକ ମହଲା ପୁରୁଷ ବାଲ୍‌ଟି, ଗରା ଧରି ସକାଳେ ମିତ୍ରପୁର ଅଯୋଧ୍ୟା ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ୧୩ନଂ. ଜିଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ମହିଷାପଟା ସରପଞ୍ଚ ରବୀନ୍ଦ୍ର ସିଂ, ସମିତିସଭ୍ୟ ଦୁଃଶାସନ ପୃଷ୍ଟି, ଭାଜପା ନେତା ଗଙ୍ଗାଧର ମିଶ୍ର ଓ ତାପସ ମହାନ୍ତି, ଆରଡବ୍ଲ୍ୟୁଏସ୍ ଏସଡ଼ିଓ ଇଂ. ରୂପେଶ କୁମାର ବେହେରା, ଜେଇ ଶୁଭଲକ୍ଷ୍ମୀ ମହାନ୍ତି, ବିଭାଗୀୟ କର୍ମଚାରୀ ପହଞ୍ଚି ବନ୍ଦ ପଡ଼ିଥିବା ନଳକୂପକୁ ମେଶିନ ଲଗାଇ ମରାମତି କରିଥିଲେ। ଏହାସହ ଯୁଦ୍ଧକାଳୀନ ଭିତ୍ତିରେ ୨ ନଳକୂପ ଖୋଲିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ ଗ୍ରାମବାସୀ।

# ଚୋରା ମଦ ବେପାରକୁ ନେଇ ଆକ୍ରମଣ, ଜଣେ ଗିରଫ

**ବାସୁଦେବପୁର,୮।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଢୁଁଆ ଗ୍ରାମରେ ଚୋରା ମଦ ବେପାରକୁ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ହେବା ସହ ବିକ୍ରେତାଙ୍କ କଟୁରୀ ଚୋଟରେ ଭରତ ମଲିକ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ମଙ୍ଗଳବାର ଏହି ଘଟଣା ଘଟିଥିବା ବେଳେ ମଦ ବେପାରୀଙ୍କ ମାଡ଼ରେ ଭରତଙ୍କ ଭାଇ ଶରତ ମଧ ଆହତ ହୋଇଛନ୍ତି। ଏନେଇ ଶରତଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନା ପୋଲିସ ମାମଲା (ନଂ.୨୩୯/୨୨) ରୁଜୁ କରିଛି। ଏହି ଘଟଣାରେ ପୋଲିସ ବୁଧବାର ଦେବାଶିଷ ମଲିକ ନାମକ ଯୁବକଙ୍କୁ ଗିରଫ କରିଛି। ଅନ୍ୟ ୨/୩ ଜଣ ଆକ୍ରମଣକାରୀ ବାଲେଶ୍ୱର ଜିଲାର ଶ୍ରୀଜଙ୍ଗ ଓ ଖନ୍ତାପଡ଼ା ଗ୍ରାମର ବୋଲି ଜଣାପଡ଼ିବା ପରେ ସେମାନଙ୍କ ନାଁରେ ମାମଲା ରୁଜୁ କରାଯାଇଛି।

ଶରତ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଛି। ନୂଆନଦୀ ପଠାରେ ସେ ଓ ଭରତ ବସିଥିବା ବେଳେ ପୂର୍ବ ଯୋଜନା ମୁତାବକ ଆକ୍ରମଣ କରାଯାଇଛି। ଦୀର୍ଘ ସମୟ ଧରି ଭରତଙ୍କ କପାଳରେ କଟୁରୀ ଲାଗି ରହିଥିଲା। ତାଙ୍କୁ କଟକ ଡାକ୍ତରଖାନା ନିଆଯାଇ କପାଳରୁ କଟୁରୀ ବାହାର କରାଯାଇଥିଲା।

# ସିଟିଜି ଶିକ୍ଷାନିକେତନରେ 'ଦକ୍ଷତା ବିକାଶ' କାର୍ଯ୍ୟକ୍ରମ

**କେନ୍ଦୁଝର, ୮।୬(ଡି.ଏନ୍.ଏ.)**

କେନ୍ଦୁଝର ନ୍ୟୁ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କମର୍ସ କଲେଜର ଚେୟାରମ୍ୟାନ୍ ରୋଟାରିୟାନ୍ ଡ. ରାଜେନ୍ଦ୍ର କୁମାର ପଲେଇଙ୍କ ତତ୍ତ୍ୱାବଧାନରେ ଡିଆଇସି ତରଫରୁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯୁକ୍ତ ୨, ଯୁକ୍ତ ୩ ଏବଂ ସମର କୋର୍ସ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡିଆଇସିର ଆଇପିଓ ଗୀତାଞ୍ଜଳୀ ସଭାପତିତ୍ୱ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ପିଲାଙ୍କୁ ଅବଗତ କରାଇଥିଲେ। ଡିଆଇସିର ଇନଭେଷ୍ଟମେଣ୍ଟ ପ୍ରୋମୋସନ ଏକ୍ସପର୍ଟ ଗୌରୀଶଙ୍କର ଉପସ୍ଥିତ ଥିଲେ। ଡିଆଇସିର ଅନ୍ୟତମ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ହ୍ୟାଣ୍ଡିକ୍ରାଫ୍ଟ ବନମାଳୀ ଓଡିଶାର ଅନେକ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପ ବିଷୟରେ ପିଲାଙ୍କୁ ଜଣାଇଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଏସ୍ଆର୍ ଇଣ୍ଡଷ୍ଟ୍ରିଜର ସଫଳ ଉଦ୍ୟୋଗପତି ସୁଭଦ୍ରା ପଲେଇଙ୍କୁ ଡିଆଇସି ତରଫରୁ ସମ୍ବର୍ଦ୍ଧିତ କରିବା ସହିତ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ମହିଳା ମହାସଂଘର ଆର୍ଥିକ ହେରଫେରକୁ ନେଇ ତେଜୁଛି ବିବାଦ

**ଧାମନଗର,୮।୬ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକର କାଶୀମପୁର ପଞ୍ଚାୟତରେ ଥିବା ମହିଳା ମହାସଂଘର ଆର୍ଥିକ ହେର୍‌ଫେରକୁ ନେଇ ବିବାଦ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ନିକଟରେ ସମ୍ପାଦିକା, ସିଆର୍‌ପି, ଏମ୍‌ବିକେ ଏବଂ ବିଭିନ୍ନ ମଞ୍ଚର ମହିଳା ଗୋଷ୍ଠୀ ସଦସ୍ୟା ମହାସଂଘର ସଭାନେତ୍ରୀଙ୍କ ମନମୁଖୀ କାର୍ଯ୍ୟ ସହ ବିଭିନ୍ନ ଆର୍ଥିକ ହେର୍‌ଫେର ଏବଂ ମହାସଂଘର ପୁନର୍ଗଠନକୁ ନେଇ ଗତ ଗୁରୁବାର ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅପରପକ୍ଷେ ସୋମବାର ସଭାନେତ୍ରୀ ମମତା ନାୟକଙ୍କ ସହ କେତେକ ସଦସ୍ୟା ବିଡିଓଙ୍କ ନିକଟରେ ସଂଘର ସମ୍ପାଦିକା, ଏମ୍‌ବିକେ ଓ ସିଆର୍‌ପିଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି।

ସଭାନେତ୍ରୀ ନାୟକ ଅଭିଯୋଗ କରିଛନ୍ତି ଯେ, ସଂଘର ନିଯୁକ୍ତି ପାଇଥିବା ସିଆର୍‌ପି, ଏମ୍‌ବିକେ ଠିକ୍ ଭାବେ କାର୍ଯ୍ୟ ତୁଲାଇ ପାରୁ ନ ଥିବାରୁ ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନୋଟିସ୍ ହୋଇଥିଲା। ସଭାନେତ୍ରୀ ହିସାବରେ ସେମାନଙ୍କୁ ପ୍ରତିବାଦ କରିବାରୁ ମିଥ୍ୟା ଆରୋପ ଲଗାଇ ସଂଘରୁ ବାହାର କରିଦେବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ସେହିପରି ସଂଘର ପୁନର୍ଗଠନ ପାଇଁ ଚିଠି (ନଂ.୧୨୭୩/୫।୪।୨୨) ରେ ବ୍ଲକ କାର୍ଯ୍ୟାଳୟରୁ ଚିଠି ଆସିଥିଲା। କିନ୍ତୁ ବାରମ୍ବାର ମିଟିଂ ଡାକିଥିଲେ ମଧ ସମସ୍ତେ ନ ଆସିବା ଦ୍ୱାରା କୋଣସି ପଦକ୍ଷେପ ନେଇ ହେଉନାହିଁ। ପ୍ରକାଶ ଥାଉକି, ପୂର୍ବରୁ ସଭାନେତ୍ରୀ ମହାସଂଘର ସମସ୍ତ ଅଫିସ୍ କାର୍ଯ୍ୟ ନିଜ ଘରେ ତୁଲାଉଥିବା ଅଭିଯୋଗ ହୋଇଥିଲା। ସେହିପରି ମୋ ଉପକାରୀ ବଗିଚାରେ ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ୧ ହଜାର ଟଙ୍କା ଲାଞ୍ଚ ନେବା, ଗୋଷ୍ଠୀକୁ ଋଣ ପ୍ରଦାନ ବେଳେ ଦୁଇ ହଜାର ଟଙ୍କା ଲେଖାଏ ଓ ସିଆର୍‌ପିମାନଙ୍କ ମାସିକ ବେତନ ପ୍ରଦାନ ସମୟରେ ମଧ ଲାଞ୍ଚ ନେବା ଭଳି ଅଭିଯୋଗ କରାଯାଇଥିଲା। ତେବେ ଦୁଇ ପକ୍ଷର ଅଭିଯୋଗ ଅନୁଯାୟୀ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକ କହିଛନ୍ତି।

# ଉତ୍ପାତ କରୁଛି ଗୋଠଛଡ଼ା ଦନ୍ତା

**ରାସଗୋବିନ୍ଦପୁର,୮।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ବୁଧବାର ଭୋର ସମୟରେ ଏକ ଗୋଠଛଡ଼ା ଦନ୍ତା ରାସଗୋବିନ୍ଦପୁର ଛକରେ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ପରେ ହାତୀଟି ରାସଗୋବିନ୍ଦପୁର ଥାନା ସମ୍ମୁଖ ଦେଇ ସ୍ଥାନୀୟ ଲ୍ୟାମ୍ପସ ଅଭିମୁଖେ ଯାଇ ବିହନ ଧାନ ମହଜୁଦ ଥିବା ଗୋଦାମର ସଟରକୁ ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକେ ଏବଂ ଛକରେ ପହରା ଦେଉଥିବା ଗୃହରକ୍ଷୀମାନେ ଘଉଡାଇ ଦେବାରୁ ଦନ୍ତାଟି ପଳାଇ ଯାଇଥିଲା। ଛକ ନିକଟରେ ଥିବା ମନୋରଞ୍ଜନ ମହାନ୍ତିଙ୍କ ଗୋଦାମ ଘରର କବାଟ ଭାଙ୍ଗି ଧାନ ଖାଇବା ସହିତ ନଷ୍ଟ କରିଥିଲା। ଲୋକେ ଘଉଡ଼ାଇବାରୁ ହାତୀଟି ସାନନଦୀ ଅଭିମୁଖେ ଚାଲି ଯାଇଥିଲା। ବନ ବିଭାଗ ଏହାର ଗତିବିଧି ଉପରେ ନଜର ରଖିଥିବା ସୂଚନା ଦେଇଛି।

# ଅନୁସୂଚିତ ଜନଜାତି ହିତାଧିକାରୀ ମେଳା

**ବାଲେଶ୍ୱର ଅଫିସ, ୮।୬**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଦୁବୁଲାଗଡ଼ି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱାଧୀନ ସରକାରର ସେବା, ସୁଶାସନ, ଗରିବ କଲ୍ୟାଣର ୮ ବର୍ଷ ପୂରଣ ହେବା ଅବସରରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ 'ଅନୁସୂଚିତ ଜନଜାତି ହିତାଧିକାରୀ ମେଳା' ବୁଧବାର ଅନୁଷ୍ଠିତ ହୋଇଯାଇଛି।

ବିଗତ ୮ ବର୍ଷରେ ଆଦିବାସୀ ସମାଜର ବିକାଶ ଓ କଲ୍ୟାଣ ପାଇଁ ମୋଦି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି। ମୋଦି ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଆଦିବାସୀ ସମୁଦାୟର ବୈଭବଶାଳୀ ସଂସ୍କୃତି, କଳା, ଭାଷା, ସାହିତ୍ୟର ସଂରକ୍ଷଣ ସହିତ ଆର୍ଥିକ ରୂପରେ ଆତ୍ମନିର୍ଭରଶୀଳ ଦିଗରେ କାର୍ଯ୍ୟ କରୁଛନ୍ତି। ଆଦିବାସୀଙ୍କ ବିକାଶ ଓ କଲ୍ୟାଣ ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଦେଇଆସିଛନ୍ତି। ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରଥମେ ଜନଜାତୀୟ ଗୌରବ ଦିବସ ପାଳନ ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଦତ୍ତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ସମିତିସଭ୍ୟ ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ମେଳାରେ ଭାଜପା ନେତୃବୃନ୍ଦ।

# 'ଆଦିବାସୀଙ୍କ ଅର୍ଥନୀତିର ବିକାଶ ଲାଗି ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବାରିପଦା ଅଫିସ,୮।୬**



ଋଣ ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମୟୂରଭଞ୍ଜ ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସହଜରେ ଋଣ ଯୋଗାଇବା ପାଇଁ ଋଣ ପ୍ରସାରଣ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ଶହୀଦସ୍ମୃତି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉପସ୍ଥିତ ରହି ଆଦିବାସୀମାନଙ୍କ ଅର୍ଥନୀତିର ବିକାଶ ନିମନ୍ତେ ବ୍ୟାଙ୍କ ସମୂହର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲା ହୋଇଥିବାରୁ ବ୍ୟାଙ୍କରୁ ମିଳୁଥିବା ସୁବିଧା ସୁଯୋଗ ସମ୍ବନ୍ଧରେ ସେମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଜରୁରୀ ବୋଲି ବ୍ୟାଙ୍କ ଅଧିକାରୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ବ୍ୟାଙ୍କର ସହାୟତା ନେଇ ମିଶନଶକ୍ତି ଓ କ୍ଷୁଦ୍ର ବ୍ୟବସାୟୀ ଅଧିକରୁ ଅଧିକ ଅର୍ଥ ଉପାର୍ଜନର ଉଦାହରଣ ଦେବା ସହିତ ଅନ୍ୟମାନେ ଆତ୍ମ ନିର୍ଭରଶୀଳ ହେବା ପାଇଁ ବ୍ୟାଙ୍କର ସହାୟତାକୁ ସୁବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୟୂରଭଞ୍ଜ ଜୋନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଯୋଗ ଦେଇ ଜିଲାରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଗୁଡିକର ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ନାବାର୍ଡର ଜିଲା ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ପଟ୍ଟନାୟକ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ପ୍ରବନ୍ଧକ ଦେବ ପ୍ରସାଦ କୋହର ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ସୂର୍ଯ୍ୟ ପ୍ରସାଦ ରଥ ଉପସ୍ଥିତ ରହି ଜିଲାରେ କାର୍ଯ୍ୟକରୁଥିବା ସେମାନଙ୍କର ବ୍ୟାଙ୍କ ଶାଖା ଗୁଡିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଅଗ୍ରଣୀ ଜିଲା ପ୍ରବନ୍ଧକ ଦୁଲାରାମ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ଟୁଡୁ ହିତାଧିକାରୀଙ୍କୁ ପ୍ରାୟ ୪୩କୋଟି ଟଙ୍କାର ବ୍ୟାଙ୍କ ପ୍ରଦତ୍ତ ଋଣ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ର ପ୍ରବନ୍ଧକ ସତ୍ୟରଞ୍ଜନ ଦାସ, ମୁଖ୍ୟପ୍ରବନ୍ଧକ ତାରିଣୀ ପ୍ରଧାନ, ବରିଷ୍ଠ ଶାଖା ପ୍ରବନ୍ଧକ ଭବାନୀଶଙ୍କର ସାମଲ ଓ ରଜନୀକାନ୍ତ ଦଳେଇଙ୍କ ନେତୃତ୍ୱରେ ସମସ୍ତ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

